ସମୟ
ପ୍ରତିଷ୍ଠାତା । ବସନ୍ତ କୁମାର ବିଶ୍ୱାଳ
The Samaya

DATE: 19/12/2017

# ରାଜ୍ୟସ୍ତରୀୟ ବାଣିଜ୍ୟ ସମ୍ମିଳନୀ ଉଦ୍‌ଯାପିତ




**ଭୁବନେଶ୍ୱର, (ସବ୍ୟୁ) :** ମଦନପୁରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଡମିନିଷ୍ଟ୍ରେସନ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ବାଣିଜ୍ୟ ସମ୍ମିଳନୀ ପାଳିତ ହୋଇଯାଇଅଛି । ଉକ୍ତ ସମ୍ମିଳନୀରେ ନାଲକୋର ପୂର୍ବତନ ମ୍ୟାନେଜିଂ ଡାଇରେକ୍ଟର ଡକ୍ଟର ଏସ୍.କେ.ତାମୋଟିଆ, ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ପ୍ରଫେସର ଡକ୍ଟର ରଞ୍ଜନ କୁମାର ବଳ, ଓଏଚପିସିର ଫାଇନାନ୍ସ ନିର୍ଦ୍ଦେଶକ ଡକ୍ଟର ପ୍ରଭାକର ମହାନ୍ତି, ହିନ୍ଦି ସମ୍ବାଦପତ୍ର ସନମାର୍ଗର ସାଧାରଣ ପରିଚାଳକ ଡକ୍ଟର ଅଶୋକ କୁମାର ପଣ୍ଡା, ଫ୍ୟାକ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ସନ୍ତୋଷ କୁମାର ସାହୁ, ଟିସିଏସ୍‌ର ରାଜ୍ୟମୁଖ୍ୟ କାର୍ଯ୍ୟନିର୍ବାହୀ ଡକ୍ଟର ଅଭିମନ୍ୟୁ ଦଳ, ବିଜିନେସ୍ ଷ୍ଟାଣ୍ଡାର୍ଡର ବ୍ୟୁରୋଚିଫ୍ ଦିଲ୍ଲିପ ଶତପଥି, ଉତ୍କଳ ବିଶ୍ୱବିଦ୍ୟାଳୟର ବିଜିନେସ୍ ଆଡମିନିଷ୍ଟ୍ରେସନ୍ ବିଭାଗର ଡକ୍ଟର ବିଧୁଭୂଷଣ ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ଡକ୍ଟର ରବିନ୍ଦ୍ର କୁମାର ସ୍ୱାଇଁ, ଡକ୍ଟର ଏସ୍.କେ.ଡିଗଲ ଓ ଡକ୍ଟର ପି.କେ. ହୋତା ପ୍ରମୁଖ ଯୋଗଦେଇ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗଦ୍ୱାରା ବାଣିଜ୍ୟ ଶିକ୍ଷାକୁ ଅଧିକରୁ ଅଧିକ ପ୍ରୟୋଗାତ୍ମକ ଓ ନିଯୁକ୍ତିଭିତ୍ତିକ କରାଇବା ପାଇଁ ସମ୍ମିଳନୀରେ ଉପସ୍ଥିତ ବକ୍ତାମାନେ ସେମାନଙ୍କର ସାରଗର୍ଭକ ମତବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ସୁଭାଷ ଚନ୍ଦ୍ର ନାୟକ, ଡିନ୍ ଡକ୍ଟର ଶୁଦ୍ଧିକାନ୍ତ ଦୀକ୍ଷିତ, ଡେପୁଟି ଡାଇରେକ୍ଟର୍ ପ୍ରଫେସର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଜଏ. ରେଜିଷ୍ଟ୍ରାର ପ୍ରଫେସର ଭବାନୀ ଶଙ୍କର ରଥ ଓ ସମସ୍ତ ବିଭାଗୀୟ ମୁଖ୍ୟମାନେ ଯୋଗଦେଇ ଆୟୋଜିତ ସମ୍ମିଳନୀର ତାତ୍ପର୍ଯ୍ୟତା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏହି ସମ୍ମିଳନୀରେ ସମଗ୍ର ରାଜ୍ୟର ତିନିଶହରୁ ଅଧିକ ବାଣିଜ୍ୟ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗଦେଇ ସେମାନଙ୍କର ବଳିଷ୍ଠ ମନ୍ତବ୍ୟ ପ୍ରଦାନ କରି ବାଣିଜ୍ୟ ଶିକ୍ଷାର ପ୍ରଚାର ଓ ପ୍ରସାର ସମ୍ବନ୍ଧରେ ବିଭିନ୍ନ ବିବରଣୀ ପାଠ କରିବା ସହ ଆୟୋଜିତ ସମ୍ମିଳନୀ ନିମିତ୍ତ ଭୂୟସୀ ପ୍ରଶଂସା କରିଥିଲେ ବୋଲି ପ୍ରଶାସନିକ ଅଧିକାରୀ ପିତାମ୍ବର ସେଠୀ ପ୍ରକାଶ କରିଅଛନ୍ତି ।